# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 14th February - 2025
*******************************

***Desk***

## ବିଧାନସଭା ଅଧିବେଶନ

୨୦୩୬ ମସିହା ସୁଦ୍ଧା ୫୦୦ ବିଲିୟନ୍ ଡଲାର ଅର୍ଥନୀତି ସହ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି କହିଛନ୍ତି । ବିଧାନସଭାର ବଜେଟ୍ ଅଧିବେଶନର ପ୍ରଥମ ଦିନରେ ତାଙ୍କ ଅଭିଭାଷଣରେ ରାଜ୍ୟ ସରକାରଙ୍କର ଗତ ୮ ମାସର ସଫଳ କାର୍ଯ୍ୟକ୍ରମଗୁଡ଼ିକୁ ଉଲ୍ଲେଖ କରି କହିଛନ୍ତି, ଆସନ୍ତାବର୍ଷ ଶେଷ ସୁଦ୍ଧା ପ୍ରତି ଘରକୁ ପାଇପ୍‌ଯୋଗେ ପାଣି ଯୋଗାଇ ଦିଆଯିବ । ସାମାଜିକ ସୁରକ୍ଷା, ପେନ୍‌ସନ୍ ପ୍ରଦାନ ହାରରେ ଓଡ଼ିଶା ଦେଶରେ ଆଗୁଆ ରହିଛି ।

ବଜେଟ୍ ଅଧିବେଶନ ଦୁଇଟି ପର୍ଯ୍ୟାୟରେ ଚାଲିବ। ପ୍ରଥମ ଅଧିବେଶନ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ମାର୍ଚ୍ଚ ମାସ ୭ ତାରିଖରୁ ଏପ୍ରିଲ ମାସ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଆସନ୍ତା ୧୭ ତାରିଖରେ ଆଗାମୀ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ବଜେଟ୍ ଉପସ୍ଥାପନ ହେବ। ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବେ। ଚଳିତ ଅଧିବେଶନରେ ୨୮ଟି କାର୍ଯ୍ୟ ଦିବସ ରହିଛି।

*Desk*

# ଆୟକର ବିଧେୟକ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗତକାଲି ଲୋକସଭାରେ ନୂତନ ଆୟକର ବିଲ୍-୨୦୨୫ ଉପସ୍ଥାପନ କରିଛନ୍ତି । ଏହି ନୂତନ ବିଧେୟକ ପୁରୁଣା ଆୟକର ଆଇନ-୧୯୬୧ର ସ୍ଥାନ ନେବା ସହ ଟିକସ ବ୍ୟବସ୍ଥାକୁ ସରଳ, ସ୍ୱଚ୍ଛ ଓ ଅଧିକ ପ୍ରଭାବଶାଳୀ କରିବ । ସଂସଦର ବଜେଟ୍ ଅଧିବେଶନରେ ଏହି ବିଲ୍‌ର ଉପସ୍ଥାପନ ପାଇଁ ଅର୍ଥମନ୍ତ୍ରୀ ଘୋଷଣା କରିଥିଲେ । ଏହି ବିଲ୍ ଉପସ୍ଥାପିତ ହେବା ପରେ ସଂସଦର କାର୍ଯ୍ୟକୁ ଆସନ୍ତା ମାର୍ଚ୍ଚ ୧୦ ତାରିଖ ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି ।

***Bhadrak/R***

# ପଲ୍ଲିଶ୍ରୀ ମେଳା

ଭଦ୍ରକ ନେହେରୁ ଷ୍ଟାଡିୟମ୍‌ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଭଦ୍ରାଣୀର ଓର୍‌ମାସ ପଲ୍ଲିଶ୍ରୀ ମେଳା ଆରମ୍ଭ ହୋଇଛି । ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାର ଉଦ୍‌ଘାଟନୀ ସମାରୋହରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସ୍ଥାନୀୟ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ପ୍ରମୁଖ ଯୋଗଦେଇ ୨୦୩୬ ମସିହା ସୁଦ୍ଧା ବିକଶିତ ଓଡ଼ିଶାର ସ୍ୱପ୍ନକୁ ସାକାର

କରିବାପାଇଁ ଆହ୍ୱାନ ଦେଇଥିଲେ । ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି :

***Voice*** **:.........**

***Desk***

## ମତ୍ସ୍ୟ-ପ୍ରାଣୀ ସମାବେଶ

'ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ-୨୦୨୫' ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ପଡିଆରେ ଆଜିଠାରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି । ସମ୍ମିଳନୀରେ ପ୍ରାଣୀ ଓ ମତ୍ସ୍ୟଚାଷୀ ଓ ଏ କ୍ଷେତ୍ରରେ ବିଶେଷଜ୍ଞମାନେ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରି ମତ୍ସ୍ୟ ଉତ୍ପାଦନ ଓ ପ୍ରାଣୀସମ୍ପଦର ସୁରକ୍ଷା କରାଯାଇପାରିବ, ସେ ସମ୍ପର୍କରେ ଆଲୋଚନା କରିବେ । ସମ୍ମିଳନୀରେ ପ୍ରତି ବ୍ଲକ୍‌ରୁ ୨୬ ଜଣ ଲେଖାଏଁ ଚାଷୀ ଯୋଗଦେବେ। ଚଳିତବର୍ଷ ମତ୍ସ୍ୟ-ପ୍ରାଣୀ ସମାବେଶର ବାର୍ତ୍ତା ରହିଛି 'ମତ୍ସ୍ୟ ଓ ପ୍ରାଣୀ ପାଳନ - ଜୀବନଜୀବିକା ଜୈବ ସନ୍ତୁଳନ'।

***Desk***

## ସଡ଼କ ସୁରକ୍ଷା

ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି ଯୋଗୁଁ ରାଜ୍ୟରେ ଗତ ୨ ବର୍ଷ ମଧ୍ୟରେ ଦୁର୍ଘଟଣା ଏବଂ ମୃତ୍ୟୁସଂଖ୍ୟା ହ୍ରାସ ପାଇଛି । ୨୦୨୪ ମସିହା

ଜାନୁୟାରୀ ମାସ ତୁଳନାରେ ଚଳିତ ବର୍ଷ ଜାନୁୟାରୀ ମାସରେ ୯୯ଟି ଦୁର୍ଘଟଣା କମ୍ ଥିବା ସହିତ ମୃତ୍ୟୁସଂଖ୍ୟା ୧୪୪ରୁ କମ୍ ରହିଛି । ପରିବହନ ବିଭାଗର ସୂଚନା ଅନୁସାରେ ଗତ ମାସରେ ରାଜ୍ୟରେ ୯୯୪ଟି ଦୁର୍ଘଟଣାରେ ୪୧୭ ଜଣଙ୍କର ମୃତ୍ୟୁ ଘଟିଛି ।

***Desk***

## ରାଷ୍ଟ୍ରୀୟ ଲୋକ ଅଦାଲତ

ରାଜ୍ୟରେ ଆସନ୍ତା ମାର୍ଚ୍ଚ ମାସ ୮ ତାରିଖରେ ଭୁବନେଶ୍ୱର, ଖୋର୍ଦ୍ଧା, ଜଟଣୀ, ବାଣପୁର, ଚିଲିକା, ଟାଙ୍ଗି ଓ ବେଗୁନିଆ ଅଦାଲତ ପରିସରରେ ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ଏଥିରେ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମାର ଆପୋଷ ସହମତିରେ ସମାଧାନ କରାଯିବ । ଏହାସହ ପ୍ରାକ୍-ମକଦ୍ଦମା ସ୍ତରୀୟ ମାମଲାଗୁଡ଼ିକର ମଧ୍ୟ ଶୁଣାଣି କରାଯିବ । ଲୋକ ଅଦାଲତରେ ମାମଲାର ବିଚାର ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ଦେବାକୁ ପଡ଼େ ନାହିଁ । ଦୀର୍ଘଦିନ ଧରି ପଡ଼ିରହିଥିବା ମାମଲାର ସମାଧାନ ଏହି ଅଦାଲତରେ କରାଯାଇପାରିବ ବୋଲି ଖୋର୍ଦ୍ଧା ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ କୁହାଯାଇଛି ।

*Desk*

# ଜାତୀୟ କ୍ରୀଡ଼ା

ଉତ୍ତରାଖଣ୍ଡରେ ଚାଲିଥିବା ୩୮ତମ ଜାତୀୟ କ୍ରୀଡ଼ାରେ ଓଡ଼ିଶା ଗତକାଲି ୨ଟି ସ୍ୱର୍ଣ୍ଣ ଓ ଗୋଟିଏ କାଂସ୍ୟ ସହ ୫ଟି ପଦକ ହାସଲ କରିଛି । ବର୍ତ୍ତମାନ ସୁଦ୍ଧା ଓଡ଼ିଶାର ପଦକ ସଂଖ୍ୟା ୧୪ଟି ସ୍ୱର୍ଣ୍ଣପଦକ ଏବଂ ୧୫ଟି ରୌପ୍ୟପଦକ ସହିତ ପଦକ ସଂଖ୍ୟା ୪୬କୁ ବୃଦ୍ଧି ପାଇ ଦ୍ୱାଦଶ ସ୍ଥାନରେ ରହିଛି । ପୂର୍ବ ସଂସ୍କରଣର ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶା ୫୮ଟି ପଦକ ପାଇଥିଲା ।

*Desk*

# ପାଣିପାଗ

ରାଜ୍ୟର ଅଧିକାଂଶ ସ୍ଥାନରେ ଗତକାଲି ତାପମାତ୍ରା ସାମାନ୍ୟ ହ୍ରାସ ପାଇଛି । ଦିନର ସର୍ବୋଚ୍ଚ ତାପମାତ୍ରା ଅନୁଗୁଳରେ ୩୫ ଦଶମିକ ୯ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ଼ କରାଯାଇଥିବାବେଳେ ୭ଟି ସହରର ତାପମାତ୍ରା ୩୫ ଡିଗ୍ରୀରୁ ଉର୍ଦ୍ଧ୍ୱରେ ଥିଲା । ଆସନ୍ତା ୨ ଦିନ ମଧ୍ୟରେ ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି ।

*****